## ସଂକ୍ଷେପରେ

### ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ମୃତ

ପଟ୍ଟାଙ୍ଗୀ, ୧୯।୯(ଡି.ଏନ୍.ଏ.) କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅଧୀନ ପଡାଲଗୁଡା ଛକରେ ଦୁର୍ଘଟଣା ଘଟି ଜଣେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିନାହିଁ। ପ୍ରକାଶ ଯେ, ପଡାଲଗୁଡ଼ା ଛକରେ ଏକ ଟ୍ରକ(ଏପି-୩୧ଟିଏଫ୍-୬୬୬୯) ଛିଡା ହୋଇଥିଲା। ଏହି ସମୟରେ ଆଉ ଏକ ଗାଡି ତାଙ୍କ ଟ୍ରକକୁ ଧକ୍କା ଦେଇଥିଲା। ଏଥିରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ହେଲ୍ପର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

### ୨୧ରୁ ଯୁକ୍ତ୨ ନାମ ଲେଖା ଆରମ୍ଭ

ଭଞ୍ଜନଗର,୧୯।୯(ଡି.ଏନ.ଏ): ୨୧ ତାରିଖରୁ ରାଜ୍ୟରେ ଯୁକ୍ତ୨ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନ ପାଇଁ ଛାତ୍ରୀଛାତ୍ର ନାମ ଲେଖାଇବେ। ଏନେଇ ଶୁକ୍ରବାର କଟ୍ଅଫ୍ ମାର୍କ ସହ ନାମ ଲେଖା ପାଇଁ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ତାଲିକା ପ୍ରକାଶିତ ହୋଇଛି। ତେଣୁ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଏନେଇ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ଯୁକ୍ତ୨ ଅନ୍ଲାଇନ୍ ଆଡ୍‌ମିଶନ ସଂଯୋଜକ ଅଧ୍ୟାପକ ଆମାଶ ପାଟମାଝୀ ନାମଲେଖା ପ୍ରକ୍ରିୟା ସମ୍ପର୍କରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡ.ସୁବାସ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ.ରବୀନ୍ଦ୍ର ନାଥ ପାଲ, ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଜଣେ ଛାତ୍ରୀଛାତ୍ରଙ୍କ ପାଇଁ ଜଣେ ହିଁ ଅଭିଭାବକ ଆସିବେ। ମାସ୍କକୁ ବାଧ୍ୟତାମୂଳକ କରାଯାଇଛି। ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ପ୍ରତି ୧ ଘଣ୍ଟାରେ ୧୫ଜଣ ଛାତ୍ରୀଛାତ୍ର ହିଁ ନାମ ଲେଖାଇବା ବ୍ୟବସ୍ଥା କରାଯାଇଛି। ସେହିଭଳି ସ୍ଥାନୀୟ ଇଗ୍ନୁ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏମ୍ଏ ଛାତ୍ରୀଛାତ୍ରଙ୍କ ଶେଷବର୍ଷ ପରୀକ୍ଷା ଲିଖିତ ଭାବେ ଶୁକ୍ରବାରଠାରୁ ଆରମ୍ଭ ହୋଇଯାଇଛି। ଅଧ୍ୟକ୍ଷ ମୁନିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା ହେଉଛି।

### ଜୁଆ ଆଡ୍ଡାରେ ଚଢ଼ାଉ, ୮ ଜୁଆଡ଼ି ଗିରଫ

ପାତ୍ରପୁର,୧୯।୯ (ଡି.ଏନ୍.ଏ.): ଜରଡ଼ା ଥାନା ବରଙ୍ଗ ଗ୍ରାମ ନିକଟ ଏକ ଜଙ୍ଗଲରେ ଚାଲିଥିବା ଜୁଆ ଆଡ୍ଡାରେ ଶନିବାର ପୋଲିସ ଚଢ଼ାଉ କରି ୮ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୪୩ ହଜାର ଟଙ୍କା, ୭ ଟି ମୋବାଇଲ ଓ ଗୋଟିଏ ବାଇକ୍ ଜବତ କରାଯାଇଥିବା ଜରଡ଼ା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ଟ୍ରାକ୍ଟର ଧକ୍କାରେ ବାଇକ୍ ଆରୋହୀ ମୃତ

ପାଟପୁର,୧୯।୯: ପାଟପୁର ଥାନା ଜୀଉରା ରାସ୍ତାରେ ଶନିବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶେରଗଡ଼ ଥାନା ଆମ୍ବୁଆବାଡ଼ି ଗ୍ରାମର ସୁଗ୍ରୀବ ନାୟକ (୨୨)। ସୁଗ୍ରୀବ ବାଇକ୍‌ରେ ଜୀଉରା ଗାଁରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁଗ୍ରୀବଙ୍କ ମୃତ୍ୟୁ ଘଟିଥିଲା। ପାଟପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ନଂ. ୨୩୧/୨୦ରେ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟର ଓ ବାଇକ୍‌କୁ ଜବତ କରିଛି।

# ଦୁଇ ଦିନରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ

- ୮ ଅଭିଯୁକ୍ତ ଗିରଫ
- ସ୍କର୍ପିଓ, ବାଇକ୍ ଜବତ

ବୈପାରୀଗୁଡ଼ା/ସେମିଲିଗୁଡା, ୧୯।୯(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲାରେ ଦିନକୁ ଦିନ ଗଞ୍ଜେଇ ଚାଲାଣ ବଢିବାରେ ଲାଗିଛି। ଶୁକ୍ରବାର ଓ ଶନିବାର ଦୁଇଦିନ ମଧ୍ୟରେ ପୋଲିସ ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କରିଛି। ଏଥିସହ ଗଞ୍ଜେଇ ଚାଲାଣରେ ସାମିଲ ଥିବା ୮ଜଣଙ୍କୁ ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ଶନିବାର ବୈପାରୀଗୁଡା ପୋଲିସ ପକ୍ଷରୁ ବୈପାରୀଗୁଡା -ଜୟପୁର ମୁଖ୍ୟ ରାସ୍ତା କୋଟା ଛକରେ ଏକ ସ୍କର୍ପିଓ (ଏମ୍‌ପି-ସିଏ-୬୦୪୧) ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୩୫ କିଲୋ ଗଞ୍ଜେଇ ମଳିଥିଲା। ଯାହାର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ବୋଲି ସୂଚନା ମିଳିଛି। ପୋଲିସ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏସ୍.କେ କଲିମ, କହ୍ନେୟା



ବୈପାରୀଗୁଡ଼ା ଥାନା ଅଞ୍ଚଳରୁ ଜବତ ଗଞ୍ଜେଇ ସହ ଗିରଫ ଅଭିଯକ୍ତମାନେ।

ଗିରି ଏବଂ ଧିରୋଜ ବର୍ମା। ସମସ୍ତେ ମଧ୍ୟପ୍ରଦେଶର ବୋଲି ଜଣାପଡିଛି। ସେମାନଙ୍କଠାରୁ ୩ଟି ମୋବାଇଲ୍ ଫୋନ୍ ଏବଂ ନଗଦ ୬ ହଜାର ୩୩୦ ଟଙ୍କା ଜବତ କରାଯାଇଥିବା ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। କେସ୍ ନଂ ୧୧୧/୨୦ରେ ମାମଲା ରୁଜୁ କରିଛି।

ସେହିଭଳି ଶୁକ୍ରବାର ଦିନ ୧୧ଟାରେ ସେମିଳିଗୁଡା ପୋଲିସ ପେଟ୍ରୋଲିଂ କରିବାବେଳେ ସମିଲିଗୁଡା-ବିଶାଖାପାଟଣା ୨୬ ନମ୍ବର ଜାତୀୟ ରାଜପଥର କୋକ୍ରିଗୁଡା ଛକରେ ଏକ ଧଳା ରଙ୍ଗର ମହେନ୍ଦ୍ରା ପିକ୍ଅପ୍ ଭ୍ୟାନ (ଓଆର୍-୧୦ଇ- ୬୫୪୮)କୁ ଅଟକାଇଥିଲା। ଯାଞ୍ଚ କରିବାରୁ ସେଥିରୁ ପ୍ରାୟ ଏକ ହଜାର କେଜି ଗଞ୍ଜେଇ ପୋଲିସ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ଏକ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ସେମିଳିଗୁଡା ଥାନାଧିକାରୀ ଧୀରେନ କୁମାର ବେହେରା ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଚାଲାଣରେ ସାମିଲ ଥିବା ୫ ଅଭିଯୁକ୍ତକୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ହିରୋ ଗ୍ଲାମର ବାଇକ ଜବତ କରିଥିବା ପୋଲିସ କହିଛି। ସେମିଳିଗୁଡା ଥାନାରେ ୭୯/୨୦ରେ ମାମଲା ରୁଜୁ କରାଯାଇ ଶନିବାର ୫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଚିନ୍ତା ବଢ଼ାଇଲାଣି କରୋନା ସଂକ୍ରମଣ

ଫୁଲବାଣୀ ଅଫିସ, ୧୯।୯

## କୋଭିଡ୍ ନିୟମ ମାନୁନାହାନ୍ତି ଲୋକେ

କନ୍ଧମାଳ ଜିଲାରେ କରୋନା ସଂକ୍ରମଣ ଚିନ୍ତା ବଢ଼ାଇଲାଣି। ବିଶେଷ କରି ଫୁଲବାଣୀରେ ସଂକ୍ରମଣ ସଂଖ୍ୟା ବଢ଼ି ଚାଲିଥିବା ବେଳେ କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ସହରବାସୀ ଚିନ୍ତାରେ ପଡ଼ିଯାଇଛନ୍ତି। ଏପଟେ କଟକଣା କୋହଳ ଥିବାରୁ ମାର୍କେଟରେ ନାହିଁ ନ ଥିବା ଭିଡ଼ ଜମୁଛି। ସାମାଜିକ ଦୂରତା ଲୋକେ ମାନୁ ନ ଥିବା ବେଳେ ମାସ୍କ ମଧ୍ୟ ବ୍ୟବହାର କରୁନାହାନ୍ତି। ଯଦି ବି ପିନ୍ଧୁଛନ୍ତି ତାହା ନାକରେ ନ ରହି ଥୋଡି ତଳେ ରହୁଛି। ଏଥିପାଇଁ ପୋଲିସ କି ଅନ୍ୟ ପ୍ରଶାସନିକ ଅଧିକାରୀ ଫାଇନ କାଟୁ ନାହାନ୍ତି। ସେହିପରି ମାର୍କେଟରେ ପୋଲିସ କର୍ମଚାରୀଙ୍କୁ ସାମାଜିକ ଦୂରତ୍ୱ ରକ୍ଷା ଲାଗି ମୁତୟନ କରାଯାଉନାହିଁ।

ଶନିବାର ଜିଲାରେ ନୂତନ ୧୦୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫୦ ଜଣ ମହିଳା ଓ ୫୨ ଜଣ ପୁରୁଷ ଥିବା ବେଳେ ରାଇକିଆ ବିଡିଓଙ୍କ ସମେତ ୧୩ ଜଣ କୋଭିଡ୍ ଯୋଦ୍ଧା ରହିଛନ୍ତି। ଫୁଲବାଣୀରେ ଅଧିକ ଆକ୍ରାନ୍ତ ୪୪ ଜଣ ଚିହ୍ନଟ ହୋଇଥିବା ବେଳେ ବାଲିଗୁଡ଼ାରୁ ୫, ଚକାପାଦରୁ ୪, ଜି. ଉଦୟଗିରିରୁ ୧୧, କ. ନୂଆଗାଁରୁ ୮, ଖଜୁରିପଡ଼ାରୁ ୧୦, କୋଟଗଡ଼ରୁ ୧, ରଇକିଆ ୬, ତିକାବାଲି ୬, ତୁମୁଡିବନ୍ଧରୁ ୫ଜଣ ଚିହ୍ନଟ ହୋଇଛନ୍ତି। ଏହି ସମସ୍ତଙ୍କୁ ମିଶାଇ ଜିଲାରେ ବର୍ତ୍ତମାନ ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୩ ହଜାର ୩୮୫ରେ ପହଞ୍ଚିଛି। ସେହିପରି ୧୮ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଶିକ୍ଷାବିତ୍, ଆଇନଜୀବୀ ମଧ୍ୟ ରହିଛନ୍ତି।

# କୋଭିଡ୍ ନିୟମରେ ଚାଲିଛି ଆକାଶବାଣୀ କେନ୍ଦ୍ର

ଜୟପୁର, ୧୯।୯(ଡି.ଏନ.ଏ )

ସାରା ଦେଶରେ କାରୋନା ସଂକ୍ରମଣ ବେଳେ ବିଭିନ୍ନ ଅନ୍‌ଲାଇନ ମାଧ୍ୟମରେ ଭର୍ଚୁଆଲ କାର୍ଯ୍ୟକ୍ରମ ଗୁଡିକର ରେକର୍ଡିଂ ଏବଂ ପ୍ରସାରଣ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କ ଦ୍ୱାରା କୋରାପୁଟ ଜିଲା ଜୟପୁର ଆକଶବାଣୀ କେନ୍ଦ୍ର ପ୍ରଠାସିତ ହୋଇଛି। ଏବେ କିନ୍ତୁ କରୋନା ଯୋଗୁ କର୍ମଚାରୀମାନେ ଭୟରେ ଅଛନ୍ତି। ଏହିପରି ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ପରିଚାଳନା ନିମନ୍ତେ କେନ୍ଦ୍ର ମୁଖ୍ୟଙ୍କ ସମେତ ମାତ୍ର ୮ଜଣ ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ସେ ସମସ୍ତଙ୍କ ବୟସ ୫୫ରୁ ଊର୍ଦ୍ଧ୍ୱ । ଏହିପରି କେନ୍ଦ୍ରରେ ଅସ୍ଥାୟୀ (କାଜୁଆଲ) ଭାବେ କର୍ମଚାରୀ ମାନେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ମଧ୍ୟରୁ ଗତ କିଛିଦିନ ମଧ୍ୟରେ ୩ଜଣ କର୍ମଚାରୀ କାରୋନା ପଜିଟିଭ ହୋଇଛନ୍ତି। ଏହାକୁ ନେଇ ଅନ୍ୟମାନେ ଭୟରେ। ଏହିପରି ଅନ୍ୟ କିଛି କାଜୁଆଲ ଏବଂ ସ୍ଥାୟୀ କର୍ମଚାରୀ ଭୟଭୀତ ହୋଇ କେନ୍ଦ୍ର କାର୍ଯ୍ୟାଳୟକୁ ଯିବା ବନ୍ଦ କରିଦେଇଛନ୍ତି। ଆକଶବାଣୀ କେନ୍ଦ୍ରର ସଙ୍ଗୀତ କମ୍ପୋଜର ବିଜୟ ସାମନ୍ତରାୟ କହିଛନ୍ତି ଯେ, ଆସନ୍ତା ବର୍ଷ ସେ ୬୦ ବର୍ଷ ହେବା ସହିତ ଅବସର ଗ୍ରହଣ କରିବେ। ଏବେ ସମସ୍ତେ କରୋନା ଆକ୍ରାନ୍ତ ହେଉଥିବାରୁ ସେ ଭୟଭୀତ। କିନ୍ତୁ ସରକାରଙ୍କ ନିର୍ଦ୍ଦେଶ ପାଳନ କରିବା ସହିତ କୋଭିଡ୍ ନିୟମ ଅନୁଯାୟୀ କେନ୍ଦ୍ରକୁ ଯାଇ ନିଜର କାର୍ଯ୍ୟ କରୁଥିବା ସେ କହିଛନ୍ତି। କେନ୍ଦ୍ରର ମୁଖ୍ୟ ଗୌର ପ୍ରସାଦ ତ୍ରିପାଠୀ କହିଛନ୍ତି ଯେ, କୋଭିଡ୍ ନିୟମ ଅନୁଯାୟୀ ଏହାକୁ ସାନିଟାଇଜ୍ କରାଯାଉଛି। କର୍ମଚାରୀମାନେ ମାସ୍କ ବ୍ୟବହାର ସହ ଅନ୍ୟ ସାମାଜିକ ଦୂରତା ରକ୍ଷା କରି କାମ କରୁଛନ୍ତି।

# ଗର୍ଭବତୀ, ଶିଶୁଙ୍କଠାରେ ପୋଷଣ ସମସ୍ୟା



ଅଙ୍ଗନୱାଡି କର୍ମୀମାନଙ୍କ ତତ୍ତ୍ୱାବଧାନରେ ଫଳ, ପନିପରିବା ପ୍ରଦର୍ଶନୀ।

ଛତ୍ରପୁର,୧୯।୯(ଡି.ଏନ୍.ଏ. )

## ମୁକାବିଲା ନେଇ ଅଭିନବ ପଦକ୍ଷେପ

ଗଞ୍ଜାମ ଜିଲ୍ଲାରେ ବହୁ ମହିଳା ଓ ଶିଶୁଙ୍କଠାରେ ଅପପୃଷ୍ଟି ଦେଖାଯାଉଛି। ଏହାର ମୁକାବିଲା ସହ ବିଶେଷକରି ଗର୍ଭବତୀ ଓ ଶିଶୁ (୦-୬ ବର୍ଷ ) କେଉଁସବୁ ପୁଷ୍ଟିକର ଖାଦ୍ୟ ଖାଇବେ ସେମାନଙ୍କୁ ସଚେତନ କରିବାକୁ ଗଞ୍ଜାମ ଜିଲ୍ଲାପ୍ରଶାସନ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାରେ ପୋଷଣ ମାସ -୨୦୨୦ର ଆରମ୍ଭ କରାଯାଇଛି। ଉଭୟ ଗର୍ଭବତୀ ଓ ଶିଶୁମାନଙ୍କଠାରେ କିଭଳି ପୋଷଣ ସମସ୍ୟା ରହିବନି ସେ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ପୋଷଣ ମାସ ପାଳନ ଅବସରରେ ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶନିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କେନ୍ଦ୍ରଗୁଡିକରେ ଅଙ୍ଗନୱାଡି କର୍ମୀମାନଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳରେ ଉପଲବ୍ଧ ହେଉଥିବା ଫଳ, ପନିପରିବା ଓ ଖାଦ୍ୟ ପ୍ରଦର୍ଶନୀ ଆୟୋଜନ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକରେ ସ୍ଥାନୀୟ ଅଞ୍ଚଳର ମହିଳା ସଂଘ ସଦସ୍ୟାମାନେ ଏଥିରେ ସହଯୋଗ କରିଛନ୍ତି। ଏହି ଉତ୍ସବକୁ ଉତ୍ସାହର ସହ ଆୟୋଜନ କରି ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତାର ବାର୍ତ୍ତା ଅଙ୍ଗନୱାଡି କର୍ମୀମାନେ ଦେଇଛନ୍ତି। ୨୦୨୨ ସୁଦ୍ଧା ପୋଷଣ ସମସ୍ୟା ଥିବା ମହିଳା ଓ ଶିଶୁଙ୍କ ସଂଖ୍ୟା ୩୮.୨ ପ୍ରତିଶତରୁ ୨୫ ପ୍ରତିଶତ କରିବା ନେଇ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

# ୨ ଅସହାୟ ମହିଳାଙ୍କୁ ମିଳିଲା ଭତ୍ତା

**ଧରିତ୍ରୀ ପ୍ରଭାବ**

ଖଜୁରିପଡ଼ା/ବଲସକୁମ୍ପା, ୧୯।୯(ଡି.ଏନ.ଏ.)

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଗ୍ରାମର ବିଧବା ରିନା ଦାସ ଭତ୍ତା ପାଇବାରୁ ବଞ୍ଚିତ ଥିଲେ। ସେହିପରି ନୂଆଁସାହି ଗ୍ରାମର ପଦ୍ମିନୀ କୁଦେଇ ୨୨ ବର୍ଷ ହେବ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ହୋଇ ବାପା ଘରେ ରହୁଥିଲେ ତାଙ୍କୁ ମଧ୍ୟ ଭତ୍ତା ମିଳି ନ ଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟ ତରଫରୁ ସରକାରୀ କର୍ମଚାରୀମାନେ ଆସି ଏହି ଅସହାୟ ମହିଳାମାନ ଭତ୍ତା ଫର୍ମ ଲେଖି ନେଇଥିଲେ। କିନ୍ତୁ ଭତ୍ତା ମଞ୍ଜୁର ହେବା ବେଳକୁ କୋଭିଡ୍ ଚାଲିଥିବାରୁ ପ୍ରଦାନ କରିବା ବିଳମ୍ବ ହୋଇଥିଲା। ଶୁକ୍ରବାର ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ନାଥ କହଁର, ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା ଓ ଅନୁରାଧା ସାହୁ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତୁଷାରାନି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ୪୫୦୦ ଟଙ୍କା ଲେଖାଏ ପଦ୍ମିନୀଙ୍କୁ ଛାଡ଼ପତ୍ର ଭତ୍ତା ଓ ରିନା ଦାସଙ୍କୁ ବିଧବା ଭତ୍ତା ପ୍ରଦାନ କରିଛନ୍ତି।

# ଗାଡ଼ି ଡିକି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

ପାରଳାଖେମୁଣ୍ଡି,୧୯।୯ (ସ୍ୱ.ପ୍ର.)

ପାରଳାଖେମୁଣ୍ଡିରେ ଶନିବାର ଜଣେ ମହିଳାଙ୍କ ଗାଡିଡିକିଭାଙ୍ଗି ୧ଲକ୍ଷ ୨୫ହଜାର ଟଙ୍କା ଲୁଟ ହୋଇଛି। ମହିଳାଙ୍କ ଏତଲା କ୍ରମେ ପୋଲିସ ୨୨୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ମଙ୍କା ତୋଟାମ୍ମା ମନ୍ଦିର ସାହିର ଜୟଲକ୍ଷ୍ମୀ ମହାନ୍ତି କଲେଜ ଛକସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖାରୁ ଟଙ୍କା ଉଠାଇ ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଗାଡ଼ି ରଖି ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟକୁ ଯାଇଥିଲେ। ସେଠାରୁ ଫେରିବାବେଳକୁ ତାଙ୍କ ଗାଡି ଡିକି ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଚୋରି କରିନେଇ ସେ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ।

# ଡାକଘରେ ଗ୍ରାହକଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଦାବି



ଉପସ୍ଥିତ ମଞ୍ଚର କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୧୯।୯

ବ୍ରହ୍ମପୁର ମୁଖ୍ୟ ଡାକଘର କାର୍ଯ୍ୟାଳୟରେ ଗ୍ରାହକଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଛି। ମୁଖ୍ୟ ଡାକଘର କାର୍ଯ୍ୟାଳୟରେ ବରିଷ୍ଠନାଗରିକଙ୍କ ସମେତ ସମସ୍ତ ଶ୍ରେଣୀର ଗ୍ରାହକଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି। ଶନିବାର ମଞ୍ଚ ପକ୍ଷରୁ ବ୍ରହ୍ମପୁର ମୁଖ୍ୟଡାକଘର ପୋଷ୍ଟମାଷ୍ଟର ଜେନେରାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟ ଡାକଘରକୁ ପ୍ରତ୍ୟେକ ଦିନ ହଜାର ହଜାର ଗ୍ରାହକ ଆସୁଥିବା ବେଳେ ଡାକ ବିଭାଗ ପକ୍ଷରୁ ଗ୍ରାହକଙ୍କ ପାଇଁ ପାନୀୟଜଳ ଭଳି ଅନୁସଙ୍ଗିକ ବ୍ୟବସ୍ଥା ନ ଥିବା ମଞ୍ଚ ଅଭିଯୋଗ କରିଛି। ଡାକଘର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ନିର୍ମାଣ କରିବା, ଗ୍ରାହକଙ୍କ ପାଇଁ ପାନୀୟଜଳ, ଗ୍ରୀନ୍‌ରୁଫ୍ ନିର୍ମାଣ ସହ ଡାକବିଭାଗର ଜମାରାଶି ଯୋଜନା ଗୁଡିକର ପ୍ରଚାର ଦିଗରେ ପଦକ୍ଷେପ ନେବାକୁ ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଂଯୋଜକ ଅବନୀ କୁମାର ଗୟା, ଶିବ ସୁନ୍ଦର ରଥ, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମାମିନୀ ଦାଶଙ୍କୁ ୟୁଥ୍ ଆଇକନ୍ ଆୱାର୍ଡ

ଜୟପୁର, ୧୯।୯(ନି.ପ୍ର.)



ଆନ୍ତର୍ଜାତିକ ସ୍ୱୀକୃତି ପ୍ରାପ୍ତ ସୂର୍ଯ୍ୟୋଦୟ ଭାଷା ସାହିତ୍ୟ ପ୍ରତିଷ୍ଠାନ(ଏସ୍ଏଲ୍ଏଫ୍)ର ଦ୍ୱିତୀୟ ବାର୍ଷିକୀ ପାଳନ ଅବସରରେ ସମଗ୍ର ବିଶ୍ୱର ୩୫ଟି ଦେଶର ୧୦୦ ଜଣ ଯୁବ ପ୍ରତିଭା ମାନଙ୍କୁ ୟୁଥ୍ ଆଇକନ୍ ଆୱାର୍ଡରେ ସମ୍ମାନିତ କରିଛି। ଏଥିରେ ଓଡ଼ିଶାର ୩୦ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ସଂସ୍ଥା ସମ୍ପାଦକ ମନୋଜ କୁମାର ପଣ୍ଡା, ସୌଜନ୍ୟ ସମ୍ପାଦକ ଦୀପକ କୁମାର ସ୍ୱାଇଁ ତଥା ପରିବାରର ମୁଖ୍ୟ ଉପଦେଷ୍ଟା ରୋହିଣୀ କୁମାର ବେହେରା ବିଭିନ୍ନ ବର୍ଗର ଯୁବ ଲେଖିକା ଲେଖକଙ୍କୁ ପ୍ରେରଣା ଦେବା ପାଇଁ ଏହି ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରିଛନ୍ତି। ଜୟପୁରର ମାମିନୀ ଦାଶ ଏହି ସମ୍ମାନ ପାଇଛନ୍ତି। ତାଙ୍କୁ ବିଭିନ୍ନ ପ୍ରକାରର ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ଅନୁଷ୍ଠାନ ସମ୍ପାଦକ ମନୋଜ ପଣ୍ଡା କହିଛନ୍ତି।

# ଟ୍ୟୁମର ପୀଡ଼ିତାଙ୍କୁ ସହାୟତା ଦାବି

କବିସୂର୍ଯ୍ୟନଗର,୧୯।୯

ପେଟରେ ଟ୍ୟୁମର ହୋଇଥିବାରୁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ୯ ବର୍ଷର ଝିଅ ଲକ୍ଷ୍ମୀ ସାହୁ। ପେଟ ଫୁଲି ରହିଛି। କଥା କହିଲେ ଧଇଁସଇଁ ଲାଗୁଛି। ଉତ୍ତମ ଚିକିତ୍ସା ପାଇଁ ପରିବାର ପକ୍ଷେ ପଇସା ନାହିଁ। କବିସୂର୍ଯ୍ୟନଗର ବ୍ଲକ ସୁବଳୟା ଗ୍ରାମରେ ଯାଜ୍ଞସେନୀ ସାହୁ ଝିଅ ଲକ୍ଷ୍ମୀ ଓ ୬ ବର୍ଷର ପୁଅକୁ ନେଇ ରୁହନ୍ତି। ଗତ ୪ ବର୍ଷ ତଳେ ଲକ୍ଷ୍ମୀଙ୍କ ବାପାଙ୍କ ମୃତ୍ୟୁ ଘଟିଛି। ଛୋଟ ପିଲାଙ୍କୁ ନେଇ କଷ୍ଟରେ ଚଳୁଥିବା ବେଳେ ଝିଅର ରୋଗ ତାଙ୍କର ଚିନ୍ତା ବଢ଼ାଇଦେଇଛି। ଏକ ବର୍ଷ ତଳେ ଲକ୍ଷ୍ମୀର ପେଟରେ ଯନ୍ତ୍ରଣା ହେବାରୁ ତାକୁ କଟକ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଅପରେଶନରେ ଅଢେଇ କିଲୋର ମାଂସ ପିଣ୍ଡୁଳା ବାହାର କରିଥିଲେ। ଘରକୁ ଆସିବା ପରେ ପେଟ ଯନ୍ତ୍ରଣା ପୁଣି ହେବାରୁ ତାଙ୍କୁ ପୁନଶ୍ଚ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସିନଥିଲା। ବିଧବା ମା' ନିଜର ସବୁ ସୁନାଗହଣା ବିକି ଧାର କରଜ କରି ଚିକିତ୍ସା କରିସାରିଲେଣି। କିନ୍ତୁ ଅଧିକ ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ଝିଅର ଚିକିତ୍ସା କରିପାରୁ ନ ଥିବା ଯାଜ୍ଞସେନୀ କହିଛନ୍ତି। କେବଳ ବଦାନ୍ୟ ବ୍ୟକ୍ତି ଓ ସରକାରୀ ସାହାଯ୍ୟ ପାଇଲେ ଝିଅର ଜୀବନ ରକ୍ଷା ହେବ ବୋଲି କହିଛନ୍ତି ମା'। ଏଯାଏଁ ବିଧବା ଭତ୍ତା ମିଳିନଥିବା ସେ କହିଛନ୍ତି। ତେଣୁ ବଦାନ୍ୟ ବ୍ୟକ୍ତି ସହାୟତା ଲାଗି ନିମ୍ନପ୍ରକାରେ ଠିକଣା ଦେଇଛନ୍ତି। ଯାଜ୍ଞସେନୀ ସାହୁ, ସ୍ୱାମୀ-ସ୍ୱର୍ଗତ ନାରାୟଣ ସାହୁ, କବିସୂର୍ଯ୍ୟନଗର, ସୁବଳୟା, ମେନ୍ ରୋଡ, ଗଞ୍ଜାମ, ଫୋନ-୭୪୩୬୯୦୦୭୪୩, କର୍ପୋରେଟ ବ୍ୟାଙ୍କ ଜମା ଖାତା ନଂ- ୫୨୦୧୦୧୨୬୨୯୩୦୧୫୧।



ଟ୍ୟୁମର ପୀଡ଼ିତା କନ୍ୟା ଓ ମାଆ।

# ପ୍ରଶାସନ-ପୂଜା କମିଟି ସମନ୍ୱୟ ବୈଠକ

ଦିଗପହଣ୍ଡି,୧୯।୯(ଡି.ଏନ୍.ଏ.)

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ଶନିବାର ସହରର ବିଭିନ୍ନ ଦୁର୍ଗାପୂଜା କମିଟି, ମାଁ ବୁଢ଼ୀ ଠାକୁରାଣୀ ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। କୋଭିଡ କଟକଣାରୁ ଚଳିତବର୍ଷ ଆଶ୍ୱିନ ଶୁକ୍ଳ ସପ୍ତମୀ ତିଥିଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଦିଗପହଣ୍ଡି ସହରରେ ହେବାକୁ ଥିବା ମାଁ ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ସମେତ ସହରର ବିଭିନ୍ନ ସାହି ବସ୍ତିରେ ଅନୁଷ୍ଠିତ ହୋଇ ଆସୁଥିବା ମାଁ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା କିଭଳି କରାଯିବ ସେନେଇ ଆଲୋଚନା କରାଯାଇଥିଲା। ପ୍ରଶାସନର ବିନା ଅନୁମତିରେ ସହରର କୌଣସି ମେଢ଼, ପୂଜାମଣ୍ଡପ ନିର୍ମାଣ କରାଯାଇପାରିବ ନାହିଁ ବୋଲି ତହସିଲଦାର ବୈଠକରେ କହିଥିଲେ। ଦୁର୍ଗାପୂଜା ଓ ଦିଗପହଣ୍ଡିର ଆରାଧ୍ୟ ଦେବୀ ମାଁ ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଗାଇଡଲାଇନ ଅନୁସାରେ ହିଁ ପୂଜା କାର୍ଯ୍ୟ କରାଯାଇପାରିବ। ଏଥି ଲାଗି ନିର୍ଦ୍ଧାରିତ ଆଇନ ଅନୁସାରେ ଆବେଦନ କରାଗଲେ ଜିଲା ପ୍ରଶାସନ ପକ୍ଷରୁ ପୂଜା କାର୍ଯ୍ୟ ପାଇଁ ଅନୁମତି ପ୍ରଦାନ କରାଯିବ। ଏଥି ନିମନ୍ତେ ସହରର ବିଭିନ୍ନ ପୂଜା କମିଟି, ଠାକୁରାଣୀ ଯାତ୍ରା କମିଟିର କର୍ମକର୍ତ୍ତା ଗଞ୍ଜାମ ଜିଲା ପ୍ରଶାସନ ନିକଟରେ ଆବେଦନ କରିବାକୁ ସେ ପରାମର୍ଶ ଦେଇଥିଲେ। ଠାକୁରାଣୀ ଯାତ୍ରା କମିଟି ଓ ଦୁର୍ଗାପୂଜା କମିଟି କାର୍ଯ୍ୟକର୍ତ୍ତା କେ. କୁନା, ବି. ପ୍ରଭାକର ରେଡ୍ଡୀ, ମନୋରଞ୍ଜନ ପଣ୍ଡା, ଭଗବତୀ ପ୍ରସାଦ ମିଶ୍ର, ରଞ୍ଜନ ପାତ୍ର, ସଂଗ୍ରାମ କେଶରୀ ରଥ, ସନ୍ତୋଷ ନାୟକ, ଆଲୁ.ରବୀନ୍ଦ୍ର ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ତହସିଲଦାର ଓ ପୂଜା କମିଟି କାର୍ଯ୍ୟକର୍ତ୍ତା।

# ଆସନ୍ତା ଫେବୃୟାରୀରୁ ପୁନଃ ଉତ୍ପାଦନ ଆଶା ଉଜ୍ଜ୍ୱଳ

ଜୟପୁର, ୧୯।୯(ଡି.ଏନ.ଏ./ନି.ପ୍ର.)

କୋରାପୁଟ ଜିଲା ଜୟପୁର ନିକଟସ୍ଥ ବିଲ୍ଟ କାଗଜକଳ ପୁନଃ କାର୍ଯ୍ୟକ୍ଷମ ଏବଂ ଫେବୃୟାରୀ ମାସରୁ ଉତ୍ପାଦନ ନେଇ ଆଶା ଉଜ୍ଜ୍ୱଳ ହୋଇଛି। ଶନିବାର ବିଲ୍ଟ କାଗଜକଳର ୪ଟି ଶ୍ରମିକ ଓ କର୍ମଚାରୀ ସଂଘର ପ୍ରତିନିଧିମାନେ ୟୁନିଟ ମୁଖ୍ୟ ଏସ୍.ଏସ୍.ପାଲଙ୍କୁ ସାକ୍ଷାତକରି ବିସ୍ତୃତ ଆଲୋଚନା କରିଛନ୍ତି। ଆସନ୍ତା ୨୨ ତାରିଖରେ ଭୁବନେଶ୍ୱରରେ ଶିଳ୍ପ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ ହେବା ନେଇ ଏହି ଆଲୋଚନା ବେଳେ ୟୁନିଟ ମୁଖ୍ୟ ସୂଚନା ଦେଇଥିବା ସଂଘର ପ୍ରତିନିଧିମାନେ କହିଛନ୍ତି। ଜଳକର, ବିଦ୍ୟୁତ୍ କର ଏବଂ ଜରିମାନା ବାବଦକୁ ପ୍ରାୟ ଏକ ହଜାର କୋଟି ଟଙ୍କା ବକେୟା ରହିଛି। ଏହାକୁ ସରକାର ଛାଡ଼ କିମ୍ବା କିସ୍ତିରେ ସଂଗ୍ରହ କରିବେ ସେ ନେଇ ଆଲୋଚନା କରାଯିବ। ଇତିମଧ୍ୟରେ ଆସନ୍ତା ସପ୍ତାହରେ ଭୁଶୁଡ଼ି ପଡ଼ିଥିବା ପଲ୍ପ ମିଲ୍‌ର ସିଭିଲ କାମ ଆରମ୍ଭ ହେବ। ଧୀରେ ଧୀରେ ଶ୍ରମିକମାନଙ୍କୁ ପର୍ଯ୍ୟାୟକ୍ରମେ ନିଆଯିବ। ଅକ୍ଟୋବରରୁ ଡିସେମ୍ବର ଭିତରେ ମରାମତି କାର୍ଯ୍ୟ ସରିବ ଏବଂ ଫେବୃୟାରୀ ମାସରେ ଉତ୍ପାଦନ ଆରମ୍ଭ ହେବ ବୋଲି ୟୁନିଟ ହେଡ୍ କହିଛନ୍ତି। ଅକ୍ଟୋବର ମାସରେ ସବୁ ଶ୍ରମିକଙ୍କୁ କିଛି କିଛି ଅଗ୍ରିମ ଦରମା ବାବଦକୁ ଦିଆଯିବ। ପ୍ରକାଶ ଯେ, ଗତ ଅଗଷ୍ଟ ୨୮ରେ ପ୍ରଥମ ପର୍ଯ୍ୟାୟ ବୈଠକ ଶିଳ୍ପ ସଚିବଙ୍କ ଅଧ୍ୟକ୍ଷତାରେ ଅନ୍ୟ ସଚିବଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ କାଗଜକଳକୁ ପୁନଃ ଉତ୍ପାଦନକ୍ଷମ ନେଇ ସକାରାତ୍ମକ ମନୋଭାବ ଦେଖାଯାଇଥିଲା। ଶନିବାର ଅନୁଷ୍ଠିତ ବୈଠକରେ ମାନବ ସମ୍ବଳ ବିଭାଗର ଜିଏମ୍ ରମେଶ ଯାଦବ ଏବଂ ଶ୍ରମିକ ସଂଘ ପ୍ରତିନିଧି ଭାବେ ପ୍ରମୋଦ ମହାନ୍ତି, ଜୟନ୍ତ ସାନ୍ତ୍ରା, ପ୍ରଦୀପ ପାଣ୍ଡିଆ, ସନ୍ଦିପ ପଟ୍ଟନାୟକ, ସୀମାଞ୍ଚଳ ସ୍ୱାଇଁ, ସୁଦର୍ଶନ ବିଶୋୟୀ, ଧୀରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ମଦର ଏର୍ଥା ଫାଇନାନ୍ସ ରିସୋର୍ସେସ ପ୍ରାଇଭେଟ ଲିମିଟେଡ୍ ନାମକ ହାଇଦ୍ରାବାଦ କମ୍ପାନୀ ବିଲ୍ଟ କାଗଜକଳର ବ୍ୟବସାୟ ପରିଚାଳନା ନେଇ ସହମତି ପ୍ରକାଶ କରିଛି।




**ବିଲ୍ଟ ପେପର ମିଲ୍**
- ୨୨ରେ ଭୁବନେଶ୍ୱରରେ ହେବ ବୈଠକ
- ଆସନ୍ତା ସପ୍ତାହରେ ଭୁଶୁଡ଼ି ପଡ଼ିଥିବା ପଲ୍ପ ମିଲ୍‌ର ସିଭିଲ କାମ ଆରମ୍ଭ
- ଅକ୍ଟୋବରରୁ ଡିସେମ୍ବର ଭିତରେ ମରାମତି କାର୍ଯ୍ୟ ସରିବ

## ସଂକ୍ଷେପରେ

### ରାୟଗଡ଼ା ଜିଲାରୁ ୯୨ ପଜିଟିଭ

ରାୟଗଡ଼ା ଅଫିସ,୧୯।୯- ରାୟଗଡ଼ା ଜିଲାରୁ ୯୨ ଜଣଙ୍କ କାରାନା ରିପୋର୍ଟ ପଜିଟିଭ ଆସିଛି। ଏମାନଙ୍କ ମଧ୍ୟରେ ୩୮ ମହିଳା ଏବଂ ୫୪ ପୁରୁଷ ରହିଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଜିଲାର ରାମନାଗୁଡ଼ା ବ୍ଲକ୍‌ରୁ ୨୭, କଲ୍ୟାଣସିଂହପୁରରୁ ୧୪, ରାୟଗଡ଼ା ସହରାଞ୍ଚଳରୁ ୧୧, ବିଷମକଟକରୁ ୧୦, ରାୟଗଡ଼ା ଗ୍ରାମାଞ୍ଚଳରୁ ୯, କାଶୀପୁରରୁ ୬, ଗୁଣପୁର ଗ୍ରାମାଞ୍ଚଳରୁ ୪, ଗୁଣପୁର ସହରାଞ୍ଚଳରୁ ୪, ମୁନିଗୁଡ଼ାରୁ ୪, ଗୁଡାରୀରୁ ୨ ଏବଂ ପଦ୍ମପୁରରୁ ଜଣେ ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ୧୨ କରୋନା ଯୋଦ୍ଧା ରହିଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୬୯୯ରେ ପହଞ୍ଚିଛି। ସେଥିମଧ୍ୟରୁ ୫୮୫୬ ଜଣ ସୁସ୍ଥହୋଇ ଫେରିଥିବାବେଳେ ୩୫ ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୮୦୮ ସକ୍ରିୟ ସଂକ୍ରମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ମାଲକାନଗିରିରେ ୩ହଜାର ଟପିଲା ସଂକ୍ରମିତ ସଂଖ୍ୟା

ମାଲକାନଗିରି,୧୯।୯(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଗତ ଦୁଇ ସପ୍ତାହ ମଧ୍ୟରେ କରୋନା ସଂକ୍ରମଣ ସାମାନ୍ୟ କମିଛି। ତେବେ ଜିଲାରୁ ଶନିବାର ପୁଣି ୬୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏବେ ଜିଲାରେ ପଜିଟିଭ ସଂଖ୍ୟା ୩ହଜାର ଟପିଥିବା ଶନିବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ନୂତନ ସଂକ୍ରମିତଙ୍କ ମଧ୍ୟରେ ମାଲକାନଗିରି ପୌରାଞ୍ଚଳରୁ ୭, ବାଲିମେଲା ଏନ୍ଏସିରୁ ୧୭, ମାଥିଲିରୁ ୨, ମାଲକାନଗିରି ବ୍ଲକ୍‌ରୁ ୧୨, କୋରୁକୋଣ୍ଡାରୁ ୮, ଖଇରପୁଟରୁ ୩, କାଲିମେଳାରୁ ୭ ଏବଂ ଚିତ୍ରକୋଣ୍ଡାରୁ ୭ଜଣ ରହିଛନ୍ତି। ଏଥିସହ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୩୦୫୧ରେ ପହଞ୍ଚିଛି। ସେଥିମଧ୍ୟରୁ ୨୬୬୬ ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ଜିଲାରେ ୮ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଥିବାବେଳେ ୩୭୭ ଜଣ ଚିକିତ୍ସିତ ଥିବା ମାଲକାନଗିରି ଜିଲାପାଳ ମନିଷ ଅଗର୍ୱାଲ୍ ସୂଚନା ଦେଇଛନ୍ତି।

### କୋରାପୁଟ ଜିଲାରୁ ୧୧୪ ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୧୯।୯,(ସ୍ୱ.ପ୍ର.)- କୋରାପୁଟ ଜିଲାରେ କିଛି ଦିନ ହେଲା କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରୁ ପୁଣି ୧୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଏଥିରେ ୨ଟି ରିପିଟ୍ କେସ୍ ରହିଥିବାବେଳେ ୧୧୨ ନୂଆ ମାମଲା ରହିଥିବା ଶନିବାର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୩୧୬କୁ ବୃଦ୍ଧିପାଇଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ୨୪, କୋରାପୁଟ ପୌରାଞ୍ଚଳରୁ ୧୫, ସୁନାବେଡ଼ା ପୌରାଞ୍ଚଳରୁ ୨୦, କୋଟପାଡ ଏନ୍ଏସିରୁ ୮, କୋରାପୁଟ ବ୍ଲକ୍ ଓ ବୈପାରିଗୁଡ଼ାରୁ ୨ଜଣ ଲେଖାଏ, ବୋରିଗୁମ୍ମାରୁ ୬, ଦଶମନ୍ତପୁରରୁ ୩, ଜୟପୁର ବ୍ଲକ୍‌ରୁ ୭, କୋଟପାଡରୁ ୨, କୁନ୍ଦ୍ରାରୁ ୪, ଲମତାପୁଟରୁ ୧୧, ଲକ୍ଷ୍ମୀପୁରରୁ ୫, ନାରାୟଣପାଟଣା, ସେମିଳିଗଡ଼ା ଏବଂ ପଟ୍ଟାଙ୍ଗୀରୁ ଜଣେ ଲେଖାଏ ରହିଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୬, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୪୩ ଏବଂ ସର୍ବାଧିକ ୬୩ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି।

### ସ୍କୁଟି ସମେତ ଗଞ୍ଜେଇ ଜବତ, ୨ ଗିରଫ

ଟିକିଟି,୧୯।୯(ଡି.ଏନ.ଏ.): କେ.ନୂଆଗାଁ ଥାନା ନୂଆପଡ଼ା ଫାଣ୍ଡି ଚାନ୍ଦପୁର ମୁଖ୍ୟ ରାସ୍ତାରୁ ଶନିବାର ପୋଲିସ ୨୧ କେଜି ୮୩ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗଜପତି ଜିଲା ଆର.ଉଦୟଗିରି ଥାନା ରଣଲାଇ ଗ୍ରାମର ନଥନ ପାଣି (୩୭) ଓ ନୂତନଗଡ଼ ଗ୍ରାମର ପ୍ରେରିତ ପାଣି (୪୦)। ନୂଆପଡ଼ା ଫାଣ୍ଡି ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତଗତିରେ ଯାଉଥିବା ଗଞ୍ଜେଇ ବୋଝେଇ ସ୍କୁଟିକୁ ଜବତ କରିଥିଲା।

# ସହକାରୀ ଯୋଗାଣ ଅଧିକାରୀଙ୍କ ଗିରଫ ଦାବି

ମାଲକାନଗିରି, ୧୯।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା କଂଗ୍ରେସ ସହକାରୀ ଯୋଗାଣ ଅଧିକାରୀଙ୍କ ଗିରଫ ଦାବି କରିଛି। ଶନିବାର ଏ ନେଇ ଏକ ଦାବିପତ୍ର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉଦ୍ଧବ ଚନ୍ଦ୍ର ନାୟକଙ୍କୁ ଦଳ ପକ୍ଷରୁ ପ୍ରଦାନ କରାଯାଇଛି।

କିଛି ମାସ ତଳେ ମଣ୍ଡି ସମସ୍ୟା ନେଇ କେତେଜଣ ଦଲାଲଙ୍କ ନାମରେ କେସ୍ ରୁଜୁ କରା ଯାଇଥିଲା। ତେବେ ଏହି କେସକୁ ରଫାଦଫା କରିବା ନେଇ ଯୋଗାଣ ଅଧିକାରୀ ମନୋଜ ପ୍ରଧାନ ଦଲାଲମାନଙ୍କ ସହ ଆଲୋଚନା କରୁଥିବା ଏକ ଅଡିଓ ଟେପ୍ ଭାଇରାଲ ହୋଇଛି। ଏହି ଅଡିଓରେ ସହକାରୀ ଯୋଗାଣ ଅଧିକାରୀ କିଭଳି କେସ ରଫାଦଫା କରିବେ ସେ ନେଇ କଥାବାର୍ତ୍ତା କରୁଥିବା ଶୁଣିବାକୁ ମିଳିଛି। ଏହି ଘଟଣାକୁ ଆଧାର କରି ଜିଲା କଂଗ୍ରେସ ଅଧିକାରୀଙ୍କ ଗିରଫ ଦାବି କରିଛି। ସାତଦିନ ଭିତରେ ଗିରଫ କରା ନ ଗଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

# ସରିଲା ୪ଦିନିଆ କର୍ମଶାଳା

ଗୁଣପୁର,୧୯।୯(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର କଲେଜର ଆଇକ୍ୟୁଏସି ଦ୍ୱାରା ଚାଲିଥିବା ୪ ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଛି। ଲୈଙ୍ଗିକ ସମ୍ବେଦୀକରଣକୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗୁଣପୁର କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ୱେବିନାରକୁ ଜୟପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ ଉଦ୍‌ଘାଟନ କରିଥିଲେ। ଆକ୍ୟୁଏସି ସଂଯୋଜକ ଅମୀୟ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ।

ଅଧ୍ୟାପିକା ଦେବିଶ୍ରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କିନ୍ନର ସଂଘ ରାଜ୍ୟ ସଭାପତି ମିରା ପରିଡା ଏବଂ କିସ୍ ବିଶ୍ୱବିଦ୍ୟାଳୟ ସାମାଜିକ ବିକାଶ ଅଧିକାରୀ ସାଧନା ମିଶ୍ର କିନ୍ନରମାନଙ୍କ ଅଧିକାର ଓ ସକ୍ରିୟତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଦୋଳମଣି କୁମ୍ଭାର ଏବଂ ଜଗନ୍ନାଥ ଦୀପ୍ ଧନ୍ୟବାଦ ଦେଇଥିଲେ। ୱେବିନାର ଦ୍ୱିତୀୟ ଦିନରେ କାର୍ଯ୍ୟସ୍ଥଳରେ ଯୌନ ଉତ୍ପିଡନ ପ୍ରସଙ୍ଗ ଉପରେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ବରିଷ୍ଠ ସହଯୋଗୀ ପ୍ରଫେସର ଡ.ମିନତୀ ସାହୁ ଆଲୋଚନା କରିଥିଲେ। ୩ୟ ଦିନରେ ମାନବ ତସ୍କରୀ ବିରୋଧୀ ଉପାୟ ବିଷୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବ୍ୟବସାୟିକ ପ୍ରଶାସନ ବିଭାଗ ସହଯୋଗୀ ପ୍ରଫେସର ଡ.ରଶ୍ମିତା ସାହୁ କିଭଳି ସାଧାରଣ ଲୋକ ଅନ୍ୟ ଦ୍ୱାରା ଅତ୍ୟାଚାରିତ ହେଉଛନ୍ତି ସେ ସମ୍ପର୍କରେ କହିଥିଲେ। ଅଧ୍ୟାପିକ ଦିପୀକା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଶେଷ ଦିନରେ ଘୋରଇ ହିଂସା ଉପରେ ରମାଦେବୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଲୈଙ୍ଗିକ ଅଧ୍ୟୟନ ବିଭାଗ ସହଯୋଗୀ ପ୍ରଫେସର ସୁପ୍ରିତ୍ ପାଣିଗ୍ରାହୀ ମତ ରଖିଥିଲେ। ଘୋରଇ ହିଂସାର ବିଭିନ୍ନ କାରଣ,ସୁସ୍ଥ ଦାମ୍ପତ୍ୟ ଜୀବନ ଉପରେ ଆଲୋକପାତ କରାଯାଇଥିଲା। ରାସାୟନିକ ବିଜ୍ଞାନ ବିଭାଗର ଅଧ୍ୟାପକ ଶଶୀଭୂଷଣ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପକ ରାମଚନ୍ଦ୍ର ପଣ୍ଡା, କମ୍ପ୍ୟୁଟର ବିଭାଗର ଅଧ୍ୟାପକ ଶ୍ୟାମ ସୁନ୍ଦର ମହନ୍ତ ସମସ୍ତ ୱେବିନାର ପରିଚାଳନା କରିଥିଲେ।

# ମୃତଦେହକୁ ମିଳୁନି ଶ୍ମଶାନ, ନଦୀକୂଳରେ ସତ୍କାର

କୋରୁକୋଣ୍ଡା, ୧୯।୯(ଡି.ଏନ୍.ଏ.)

ମୃତ୍ୟୁ ପରେ ସତ୍କାର ପାଇଁ ଏଠି ମୃତଦେହକୁ ମିଳୁନି ଶ୍ମଶାନ। ଲୋକେ ମୃତଦେହକୁ ନଦୀ କୂଳରେ ସତ୍କାର କରୁଛନ୍ତି। ଶ୍ମଶାନ ଜମି ଓ ସଂଲଗ୍ନ ରାସ୍ତାକୁ ଜବରଦଖଲ କରି ଜଣେ ବ୍ୟକ୍ତି ଧାନଚାଷ କରିଛନ୍ତି। ରାସ୍ତା ନ ଥିବାରୁ ଲୋକେ ମୃତଦେହକୁ ବିଲ ମଧ୍ୟରେ ନେଇ ଯାଉଛନ୍ତି। ଏଭଳି ଏକ ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଶ୍ମଶାନ ଜମି ଓ ରାସ୍ତାକୁ ଲୋକଙ୍କ କାମରେ ଲଗାଯାଉ ବୋଲି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତୁମୁସାପାଲି ପଞ୍ଚାୟତ ଅଧୀନ ପିଟାଗେଟା ଗ୍ରାମବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ଏହି ଗାଁରେ କୋୟା, କୁମ୍ଭାର ଓ ଦଳିତ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ସମସ୍ତଙ୍କର ପୃଥକ୍ ପୃଥକ୍ ଶ୍ମଶାନ ରହିଛି। ଦଳିତ ସମ୍ପ୍ରଦାୟର ଲୋକଙ୍କ ପାଇଁ ଥିବା ଶ୍ମଶାନ ଓ ଏହାର ସଂଲଗ୍ନ ରାସ୍ତାକୁ ଜଣେ ବ୍ୟକ୍ତି ଅକ୍ତିଆର କରି ସେଠାରେ ଧାନଚାଷ କରିଛନ୍ତି। ଫଳରେ ଲୋକେ ନଦୀକୂଳରେ ମୃତଦେହ ସତ୍କାର କରୁଥିବା ଗ୍ରାମବାସୀ କହିଛନ୍ତି। ଇତିମଧ୍ୟରେ ଗତ ୧୫ ତାରିଖରେ ପିଟାଗେଟା ଗାଁରେ ରହୁଥିବା ପୂର୍ବତନ ପିଇଓ ଗଙ୍ଗାଧର ବାଘଙ୍କ ମୃତ୍ୟୁ ହୋଇଯାଇଛି। ପରିବାର ଲୋକେ ଓ ସମ୍ପର୍କୀୟ ବିଲ ମଧ୍ୟରେ ତାଙ୍କ ମୃତଦେହକୁ କାନ୍ଧେଇ ନଦୀ କୂଳକୁ ନେଇ ସେଠାରେ ସତ୍କାର କରାଇଛନ୍ତି। ଏହି ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତିନି ବର୍ଷ ହେବ ଏଭଳି ସମସ୍ୟା ଲାଗି ରହିଥିବା ଗ୍ରାମବାସୀ କହିଛନ୍ତି। ମୃତଦେହ ସତ୍କାର ବେଳେ କାଳିମେଳା ବ୍ଲକ ଯୁବ ଭାଜପା ସଭାପତି ଅବଧୂତ ଦୁର୍ଗା ଉପସ୍ଥିତ ଥିଲେ। ଏହି ଘଟଣାକୁ ସେ ତୀବ୍ର ନିନ୍ଦା କରିଛନ୍ତି। ଶ୍ମଶାନ ଜମି ଓ ରାସ୍ତା ଜବରଦଖଲ ସମ୍ପର୍କରେ ମାରିୱଡ଼ା ଆର୍ଆଇ ସମୀନ୍ଦ୍ର ମିତ୍ରଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ତାଙ୍କ ନିକଟରେ ନାହିଁ। ଅଭିଯୋଗ ମିଳିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।


ମୃତଦେହକୁ ବିଲ ମଧ୍ୟରେ ନିଆଯାଉଛି।

- ଶ୍ମଶାନ ଜମି, ସଂଲଗ୍ନ ରାସ୍ତାରେ ଧାନଚାଷ ଅଭିଯୋଗ
- ତିନି ବର୍ଷ ହେବ ଦେଖାଦେଉଛି ଏଭଳି ସମସ୍ୟା
- ବିଲମାଳ ଭିତରେ ନେବାକୁ ପଡୁଛି ମୃତଦେହ

# ଡାବୁଗାଁର ବିଭିନ୍ନ ଅଞ୍ଚଳ କଣ୍ଟେନ୍‌ମେଣ୍ଟ ଜୋନ୍

ଡାବୁଗାଁ, ୧୯।୯ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର, ଜବାଗୁଡା ଓ ଚଚରାଗୁଡା ପଞ୍ଚାୟତରେ ୧୬ ଜଣ କରୋନା ପଜିଟିଭ ଶନିବାର ଚିହ୍ନଟ ହୋଇଛନ୍ତି। ଡାବୁଗାଁରେ ୪ ଜଣ ଓ ଚଚରାଗୁଡା ଗାଁରୁ ୧, ଜବାଗୁଡା ପଞ୍ଚାୟତ ସଦର ଗାଁରୁ ୩, ଦରଗୁଲାରୁ ୩, ତାଲବେଡାରୁ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ହାଟପଦା ସାହିର ବିଷ୍ଣୁ ପାତ୍ର କଲୋନୀ, ଡାବୁଗାଁ ଗ୍ରାମର ରେଭିନ୍ୟୁ ନୂଆଗୁଡା ସାହିର ସଞ୍ଜୟ ପାଢୀ ଘର ଠାରୁ ଦିବାନ ସିଂ ଘର ପର୍ଯ୍ୟନ୍ତ, ଚଚରାଗୁଡା ଗ୍ରାମର ହାଟପଦା ସାହିରୁ ପନକା ସାହି ପର୍ଯ୍ୟନ୍ତ, ଜବାଗୁଡା ଗ୍ରାମର ବିଶୋୟୀ ସାହି, ତାଲବେଡା ଗ୍ରାମର ମାଝୀ ସାହି ଓ ଉପର ସାହି, ଦରଗୁଲା ଗ୍ରାମର ମାଝୀ ସାହିର ଦେବିସିଂ ଭତ୍ରା ଘର ଠାରୁ କମଳି ପୂଜାରୀ ଘର ପର୍ଯ୍ୟନ୍ତ ଓ ଉପେନ୍ଦ୍ର ଭତ୍ରାଙ୍କ ଘର ଠାରୁ ଦାମୁ ମାଝିଙ୍କ ଘର ପର୍ଯ୍ୟନ୍ତ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଉକ୍ତ କଣ୍ଟେନମେଣ୍ଟ ଜୋନ ସେପ୍ଟେମ୍ବର ୨୯ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୂଚନା ମିଳିଛି। ଏହା ସହ ସଂପୂର୍ଣ୍ଣ କଣ୍ଟେନମେଣ୍ଟ ଜୋନକୁ ମଧ୍ୟ ବଫର ଜୋନ ଭାବେ ଘୋଷଣା କରାଯାଇଛି।

# ଛୁରିରେ ଭୁସି ଦ୍ୱିତୀୟ ସ୍ତ୍ରୀଙ୍କ ଆଖି ତାଡ଼ିବା ଘଟଣା
## ଏଏସ୍ଆଇଙ୍କ ପ୍ରଥମ ସ୍ତ୍ରୀ ଗିରଫ

ମାଲକାନଗିରି, ୧୯।୯(ଡି.ଏନ୍.ଏ.)

ମାଲକାନଗିରି ଥାନରେ କାର୍ଯ୍ୟରତ ଏଏସ୍ଆଇ ଚନ୍ଦ୍ରଶେଖର ହଜାରୀଙ୍କ ଦ୍ୱୀତୀୟ ସ୍ତ୍ରୀଙ୍କ ଆଖି ତାଡିବା ଅଭିଯୋଗରେ ପୋଲିସ ପ୍ରଥମ ସ୍ତ୍ରୀ ମନସୀ ହଜାରୀଙ୍କୁ ଗିରଫ କରିଛି। ଏହି ଆକ୍ରମଣରେ ଦ୍ୱିତୀୟ ସ୍ତ୍ରୀ ସୁନାମଣୀ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମାଲକାନଗିରି ଥାନାରେ ୩୩୮/୨୦ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଏଏସ୍ଆଇ ଦ୍ୱିତୀୟ ସ୍ତ୍ରୀଙ୍କ ଆଖି ତାଡି ଦେଇଥିବା ନେଇ ପଡୋଶୀ ଶୁକ୍ରବାର ମାଲକାନଗିରି ଥାନରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିଥିଲା। ଏଏସ୍ଆଇ ନୁହନ୍ତି ବରଂ ତାଙ୍କ ପ୍ରଥମ ସ୍ତ୍ରୀ ମନସୀ ସୁନାମଣୀଙ୍କ ଆଖି ତାଡିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣି ପାରିଥିଲା।

# ତଦନ୍ତ ଦାବିକଲା ଆଦିବାସୀ ମହାସଂଘ

ମାଲକାନଗିରି, ୧୯।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ଏମ୍.ଭି.-୧୪ସ୍ଥିତ ଏକ ଧାନ ମିଲରେ କାର୍ଯ୍ୟରତ ବଣ୍ଡା ଯୁବତୀ ଆଦିବାରି ଶିଶାରଙ୍କ ମୃତଦେହ ଗତ ୧୪ ତାରିଖରେ ମିଲ ନିକଟ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୋଲିସ ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା ସନ୍ଦେହ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହା କିନ୍ତୁ ଆତ୍ମହତ୍ୟା ନୁହେଁ, ନୁହେଁ ବରଂ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଆଦିବାସୀ ବଣ୍ଡା ସମାଜ ଦାବି କରିଛି। ଏହାର ତଦନ୍ତ କରାଯାଉ ବୋଲି ସମାଜ ପକ୍ଷରୁ ଏକ ଦାବିପତ୍ର ଜିଲାପାଳ ଏବଂ ଏସ୍‌ପି ଏବଂ ମାଲକାନଗିରି ଥାନା ଅଧିକରୀଙ୍କୁ ପ୍ରଦାନ କରାଯାଇଛି। ନାବାଳିକାଙ୍କ ବୟସ ୨୨ ବର୍ଷ ଉଲ୍ଲେଖ ରହିଥିବା ବେଳେ ଘଟଣା ପଛରେ ବହୁ ରହସ୍ୟ ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ସମ୍ପୃକ୍ତ ନାବାଳିକା ସହ ଅନ୍ୟ ଚାରିଜଣ ମଧ୍ୟ ଉକ୍ତ ମିଲରେ କାମ କରୁଛନ୍ତି। ଜିଲା ଶ୍ରମ ବିଭାଗ ନିକଟରେ କିଭଳି ସେମାନଙ୍କ ତଥ୍ୟ ନାହିଁ ବୋଲି ଦାବିପତ୍ରରେ ସଂଘ ପ୍ରଶ୍ନ କରିଛି। ବେଆଇନ କାମ କରୁଥିବା ରାଇସ୍ ମିଲର ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ତୁରନ୍ତ ଏହି ଘଟଣାର ଉପଯୁକ୍ତ ତଦନ୍ତ ଦାବି କରିଛି ସଂଘ। ଦୋଷୀକୁ ଗିରଫ କରିବା ସହ ବଣ୍ଡା ପରିବାରକୁ ନ୍ୟାୟ ଦେବାକୁ ଦାବି କରାଯାଇଛି। ସପ୍ତାହ ମଧ୍ୟରେ ଏହାର ସମାଧାନ ନ ହେଲେ ବଣ୍ଡା ଜନଜାତି ସହ ଅନ୍ୟ ୧୩ଟି ଜନଜାତି ସଂଘ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆ ଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବଣ୍ଡା ସମାଜର ସଂଘ ସଭାପତି ଏସ୍. ନାୟକଙ୍କ ସହ ଆଦିବାସୀ ସମାଜ ମହାସଂଘ ସଭାପତି ଘନଶ୍ୟାମ ମାଡକାମି, ଘେନୁ ମୁଦୁଲି, ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

**ନିଖୋଜ ବଣ୍ଡା ଯୁବତୀଙ୍କ ମୃତଦେହ ମିଳିବା ଘଟଣା**


ଥାନାଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯଉଛି।

# ରନ୍ଧାଖାଦ୍ୟ ଟଙ୍କା ଦାବି କଲେ ଅଙ୍ଗନୱାଡି କର୍ମୀ

ଗୁଣପୁର,୧୯।୯(ଡି.ଏନ୍.ଏ.)

କରୋନା ସମୟରେ ବୃଦ୍ଧାବୃଦ୍ଧଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ତେବେ ଏ ବାବଦକୁ ଟଙ୍କା ଏ ପର୍ଯ୍ୟନ୍ତ ମିଳି ନ ଥିବା ଗୁଣପୁର ବ୍ଲକ୍ ଡମ୍ବାସରା ପଞ୍ଚାୟତର ଅଙ୍ଗନୱାଡି କର୍ମୀମାନେ ଅଭିଯୋଗ କରିଛନ୍ତି। ବକେୟା ଅର୍ଥ ପ୍ରଦାନ ଦାବିକରି କର୍ମୀମାନେ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସିଡିପିଓ କିରଣ ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଏପ୍ରିଲ ୧ରୁ ମେ ୧୭ ପର୍ଯ୍ୟନ୍ତ ବୟସ୍କ ଲୋକମାନଙ୍କୁ ରୋଷଇ କରି ଖାଦ୍ୟ ପ୍ରଦାନ କରିଥିଲେ। ଏଥିପାଇଁ ଆବଶ୍ୟକ ସାମଗ୍ରୀ ଦୋକାନରୁ ଆଣିଥିବାବେଳେ ଟଙ୍କା ପୈଠ କରିନାହାନ୍ତି। ଉକ୍ତ ଟଙ୍କା ମିଳି ନ ଥିବାରୁ ଦୋକାନୀଙ୍କ ବକେୟା ଟଙ୍କା ଦେଇପାରୁ ନ ଥିବା କର୍ମୀମାନେ କହିଛନ୍ତି। ତେଣୁ ରନ୍ଧା ଖାଦ୍ୟ ବାବଦୀୟ ସମସ୍ତ ଅର୍ଥ ଶୀଘ୍ର ପ୍ରଦାନ କରାଯାଉ ବୋଲି ଅଙ୍ଗନୱାଡି କର୍ମୀମାନେ ଦାବି ଜଣାଇଛନ୍ତି। ଅଙ୍ଗନୱାଡି କର୍ମୀ ସଂଘ ସମ୍ପାଦିକା ସୁଷମା ଦାସଙ୍କ ନେତୃତ୍ୱରେ କର୍ମୀମାନେ ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।


ସିଡିପିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

**କରୋନା ସମୟରେ ବୃଦ୍ଧାବୃଦ୍ଧଙ୍କୁ ଦିଆଯାଇଥିଲା ଖାଦ୍ୟ**

# ମହିଳାଙ୍କୁ ସାମିଲକରି ଯୋଜନା ସଫଳ କରାଯିବ

ରାୟଗଡ଼ା ଅଫିସ,୧୯।୯

ବିଜେଡି ମହିଳା ମୋର୍ଚ୍ଚା ରାୟଗଡ଼ା ଜିଲା ପର୍ଯ୍ୟବେକ୍ଷକ ସ୍ନିଗ୍ଧା ପାଣିଗ୍ରାହୀ ଦିନିକିଆ ରାୟଗଡ଼ା ଗସ୍ତରେ ଆସି ଜିଲାରେ ମହିଳା ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ସ୍ଥାନୀୟ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ବୈଠକରେ ସେ ଯୋଗଦେଇଥିଲେ। ଜିଲାରେ ପଞ୍ଚାୟତସ୍ତରରୁ ମହିଳାମାନଙ୍କୁ ଦଳରେ ସାମିଲ କରିରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାକୁ ସଫଳ କରିବା ନେଇ ଦଳୀୟ ନେତା ଓ ମହିଳା ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ବିକାଶ ମୂଳକ ଯୋଜନାର ପ୍ରଚାର ପ୍ରସାର କରି ମହିଳାମାନଙ୍କୁ ଦଳ ପ୍ରତି ଆକୃଷ୍ଟ କରିବାକୁ ସେ କହିଛନ୍ତି। ଏଥିରେ ସାମାଜିକ ଗଣମାଧ୍ୟମକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଯୁବ ମହିଳାଙ୍କୁ ଦଳରେ ସାମିଲ, ବ୍ଲକ ଓ ପଞ୍ଚାୟତସ୍ତରରେ କାହାକୁ କେଉଁ ଦାୟିତ୍ୱ ଦିଆଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ଉପସଭାପତି ଲାଲ ବିହାରୀ ହିମିରିକା, ରାଜ୍ୟ ସମ୍ପାଦିକା ସୁଜାତା ପାଳ, ଅନୁଶୟା ମାଝି, ଜିଲା ବିଜେଡି ସଭାପତି ସୁଧୀର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗଙ୍କ ସମେତ ୧୧ ବ୍ଲକର ମହିଳା ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ଉପସ୍ଥିତ ଥିଲେ।

**ବିଜେଡି ମହିଳା ମୋର୍ଚ୍ଚା ଜିଲା ପର୍ଯ୍ୟବେକ୍ଷକଙ୍କ ରାୟଗଡ଼ା ଗସ୍ତ**


ବୈଠକ ଚାଲିଛି।

# ୪କି.ମି. ଭାରରେ ବୁହାହେଲେ ଗର୍ଭବତୀ

ଦଶମନ୍ତପୁର, ୧୯।୯(ଡି.ଏନ୍.ଏ.)

ଗାଁକୁ ରାସ୍ତା ନ ଥିବାରୁ ଆସିଲାନି ଆମ୍ବୁଲାନ୍ସ। ବାଧହୋଇ ପରିବାର ଓ ଗ୍ରାମବାସୀ ଗର୍ଭବତୀଙ୍କୁ ୪କି.ମି. ଭାରରେ ବୋହି ଆଣିଥିଲେ। ଜନନୀ ଯନ୍ତ୍ରଣାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଡୁମ୍ବାଗୁଡ଼ା ପଞ୍ଚାୟତ କାଳିଆମ୍ବ ଗାଁରେ।

ପ୍ରକାଶ ଯେ, କାଳିଆମ୍ବ ଗ୍ରାମର କୈଳାସ ସାହୁଙ୍କ ସ୍ତ୍ରୀ ସବିତାଙ୍କର ଶୁକ୍ରବାର ରାତିରେ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। କୈଳାସ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଥିଲା। କିନ୍ତୁ କାଳିଆମ୍ବ ଗାଁକୁ ରାସ୍ତା ନ ଥିବାରୁ ୪ କି.ମି. ଦୂର ହାତୀମୁଣ୍ଡା ଗାଁ ନିକଟରେ ଅଟକି ରହିଥିଲା। ଗାଁର ଅଶୋକ କୁଲସିକା ଏବଂ ଯୁଦା ମାଣ୍ଡିଙ୍ଗା ଭାର କରି ସବିତାଙ୍କୁ ହାତୀମୁଣ୍ଡା ଗାଁ ଯାଏ ଆଣିଥିଲେ। ଅଧା ରାସ୍ତାରେ ହିଁ ସବିତା ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ଉଭୟ ମା' ଓ ନବଜାତକଙ୍କୁ ହାତୀମୁଣ୍ଡା ଗାଁ ନିକଟରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଭାରରେ ଅଣାଯାଇଥିଲା। ସେଠାରୁ ଉଭୟଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଉଭୟ ସୁସ୍ଥ ଥିବା ସୂଚନା ମିଳିଛି। ଏଭଳି ଘଟଣା ବାରମ୍ବାର ଘଟୁଥିବା ସତ୍ତ୍ୱେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦଶମନ୍ତପୁର ବ୍ଲକରେ ନଦୀ ଏବଂ ରାସ୍ତା ସମସ୍ୟା ଯୋଗୁ ଦୁର୍ଗମାଞ୍ଚଳରେ ଏହା ନିତିଦିନିଆ ଘଟଣା ହୋଇଗଲାଣି। ବିଭିନ୍ନ ସମୟରେ ରୋଗୀ ଏବଂ ଗର୍ଭବତୀଙ୍କୁ ଭାର କିମ୍ବା ଖଟିଆରେ ନିଆଯାଉଛି। ତଥାପି ପ୍ରଶାସନ ନୀରବଦ୍ରଷ୍ଟା ସାଜୁଥିବା ଲୋକେ ଅଭିଯୋଗ କରିଛନ୍ତି।


ଗର୍ଭବତୀଙ୍କୁ ଭାରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି।

**ଜନନୀ ଯନ୍ତ୍ରଣା**

